
# ମନ ମଉଜ

## କାନନ ମିଶ୍ର



# ମନ ମଉଜ

(ଶିଶୁ କବିତା ସଂକଳନ)

କାନନ ମିଶ୍ର

ସମର୍ଥା ପବ୍ଲିକେଶନ୍
ଭୁବନେଶ୍ୱର - ୧୪

**ମନମଉଜ**
(ଶିଶୁ କବିତା ସଂକଳନ)

ଲେଖିକା :
**କାନନ ମିଶ୍ର**

ପ୍ରଥମ ପ୍ରକାଶ :
ରାସ ପୂର୍ଣ୍ଣିମା, ୨୦୦୬

ପ୍ରକାଶକ :
**ସମର୍ଥା ପବ୍ଲିକେଶନ୍**
**୨୦, ଲୁଇସ୍ ରୋଡ୍, ଫାଷ୍ଟ୍ ଲେନ୍**
**ରବି ଟକିଜ୍ ସ୍କୋୟାର, ଭୁବନେଶ୍ୱର - ୧୪**
**ଫୋନ୍ : ୨୪୩୧୮୧୯**

ଅକ୍ଷର ବିନ୍ୟାସ ଓ ମୁଦ୍ରଣ :
**ଶ୍ରଦ୍ଧାଞ୍ଜଳି**
ରାମେଶ୍ୱର ପାଟଣା, ଭୁବନେଶ୍ୱର

ମୂଲ୍ୟ : ଟ ୩୦/-

**MANAMAUJA**
(Poems for Children)

Author :
**Kanan Mishra**

First Edition :
Rasa Purnima, 2006

Published by :
**SAMARTHA PUBLICATION**
20, Lewis Road, First Lane
Ravi Talkies Square, Bhubaneswar - 14
Ph. : 2431819

Page Layout & Printed at
**Shradhanjali**
Rameswarpatana,
Bhubaneswar

Price : Rs. 30/-

## ଉତ୍ସର୍ଗ

'ସୁମନ' ଓ 'ତରୁଣଅରୁଣ'ର ସ୍ୱପ୍ନ ଦେଖିଥିବା
ଅନୁଜୋପମ ଶ୍ରୀ କାଳୀଚରଣ ପଣ୍ଡାଙ୍କ ସ୍ମୃତିରେ ।

## ସୂଚୀପତ୍ର


| କ୍ର.ନଂ. | ବିଷୟ | ପୃଷ୍ଠା |
|---|---|---|
| ୧. | ଗୁଣୀଜନ | ୧ |
| ୨. | ଛତା | ୨ |
| ୩. | ବାଉଁଶ | ୩ |
| ୪. | ମାଛ | ୫ |
| ୫. | ନାଉରୀ ଭାଇ | ୬ |
| ୬. | ଲୋଭୀ କୁନ୍‌ମୁନି | ୭ |
| ୭. | ଜହ୍ନ | ୮ |
| ୮. | ଯାଦୁଗର | ୯ |
| ୯. | କ୍ରିୟାପଦ | ୧୦ |
| ୧୦. | କାହାଠୁ କଅଣ ଶିଖିବି | ୧୨ |
| ୧୧. | ତାଳଗଛ | ୧୩ |
| ୧୨. | ଭୂଗୋଳ | ୧୪ |
| ୧୩. | କାହାଣୀ | ୧୫ |
| ୧୪. | ଝମରଝାଇଁ | ୧୭ |
| ୧୫. | ଫଳ କିଆଁ ଖସେ ତଳକୁ | ୧୮ |
| ୧୬. | କଳିକା | ୧୯ |
| ୧୭. | ମାଆ | ୨୦ |
| ୧୮. | ଅଜା | ୨୨ |
| ୧୯. | ଆଦରମଣି | ୨୩ |
| ୨୦. | ଉପହାର | ୨୪ |
| ୨୧. | ତୁଳସୀ | ୨୬ |
| ୨୨. | ଅଳି | ୨୭ |
| ୨୩. | ଆଜି | ୨୮ |
| ୨୪. | ଚୁଇଁ ମୁଇଁ | ୨୯ |
| ୨୫. | ପରିବା ଖାଇବି ଏଣିକି | ୩୦ |
| ୨୬. | ଅଦା | ୩୧ |
| ୨୭. | ପାଣିରେ ପାଣି | ୩୨ |
| ୨୮. | 'ମ' ଗୀତ | ୩୩ |
| ୨୯. | ଘୁଡ଼ି | ୩୫ |
| ୩୦. | କଣ୍ଢେଇ ନାଚ | ୩୬ |
| ୩୧. | ବିଲେଇନାନୀ | ୩୭ |
| ୩୨. | ସାଗର କଥା | ୩୮ |
| ୩୩. | ଟ-ଠ-ଡ-ଢ | ୪୦ |
| ୩୪. | ଘର | ୪୧ |
| ୩୫. | ଆଈ | ୪୨ |
| ୩୬. | ଆକାଶ | ୪୩ |
| ୩୭. | ମହୁମାଛି | ୪୫ |
| ୩୮. | କୁନି | ୪୬ |
| ୩୯. | କୁନୁ ଭାଳେ ବସି | ୪୭ |
| ୪୦. | ପୃଥିବୀ | ୪୯ |
| ୪୧. | କୁଆପଥର | ୫୧ |
| ୪୨. | କଦଳୀଗଛ | ୫୨ |

# ଗୁଣୀଜନ



ବଢେଇ ଶାଳ ଶିଆଶାଳ ଚିରିକି
ରନ୍ଧା ମାରିଦେଇ କେଡିକି ସୁନ୍ଦର
ବନାଏ ଦରଜା, ଝୁିଡିକି ।

କୁମ୍ଭାର ଚକଟି ଚିକିଟା ମାଟିକି
କଳସୀ, ମାଠିଆ ତିଆରେ
ମାଟିର ପିଣ୍ଡୁଳା କେତେ ରୂପ ନେଇ
ଚକରୁ ତାହାର ବାହାରେ ।

ବଣିଆ କରଇ ତାରକସି କାମ
ତିଆରେ ରୂପାର ଗହଣା
ପଥର ଖଞ୍ଜିକି ପଦକ ବନାଏ
କେଡିକି ବାଗରେ କହନା ।

ବିନ୍ଧାଣୀ ଗଢଇ ନିହାଣ ମୁନରେ
ଦିଅଁଙ୍କ ପଥର ମୂରତି
ଠୁକୁ ଠୁକୁ ଠୁକୁ ମୁଗୁନି କାଟିକି
ରଖିଯାଏ ତାର କୀରତି ।



କମାର ତିଆରେ କୋଦାଳ, ଶାବଳ
କଡେଇ, କୋଡି ଓ କତୁରି
ହୁତୁହୁତୁ ତାର ଭାଟି ଜାଳି ଦେଇ
ଦିନଯାକ ଝାଳେ ବତୁରି ।

ରାଜ ମିସ୍ତିରୀ ଏଡିକି ଟିକିଏ
କରଣୀ ଧରିକି ହାତରେ
ଓଳମ୍ବ ମାପରେ ଏଡେ ବଡ କୋଠା
କେମିତି ବନାଏ ସତରେ ।

ହାତର ଯାଦୁରେ କେତେ କେତେ କାମ
କରନ୍ତି ଏମାନେ କହତ !
ଗୁଣୀଜନ ବୋଲି ଏହାଙ୍କୁ ଗଣିବ
କାମ ସେ କରନ୍ତି ମହତ ।
III

# ଛତା



ରିମ୍‌ଝିମ୍ [illegible] ଯେବେ
ଶରଣ ନେଇ ମୋ ରାସ୍ତାରେ ଚାଲ
ସାଥୀ ମୁଁ ଶ୍ରାବଣ ସାରା ।

ଉପରେ ବହଳ କନାର ଟୋପର
ଭିତରେ ଲୁହାର ଖାଡି
ବଇଶାଖେ ହବ ହଟହଟା ଯଦି
ଘରେ ଯିବ ମତେ ଛାଡି ।

ଧରିବାପାଇଁକି ଚିକଣ ଚାକଣ
ହାଲୁକା କାଠର ବେ
କେତେ ରଂଗେ କେତେ ରୂପେ ଆଜିକାଲି
ପାଇବ ମୋହର ଭେଟ । ।

କୁନି ଝିଅ ଧରି ଛିଟ ଛତାଟିଏ
ଯାଇଥାଏ ଚାଟଶାଳୀ
ବାପାଙ୍କ ସରାଗ କାଳିଆ ଛତାରେ
ତହିଁରେ ପଡିଛି ତାଳି ।
ଗାଆଁ ଦାଣ୍ଡ ଧୂଳିବାଟରେ ଧରିକି



ତାଳ ପତରର ଛତା
ଚକୁଳିଆ ପଣ୍ଡା ଗୀତ ଗାଇଯାଏ
ଶୁଣାଏ ପୁରାଣ କଥା ।

ଦୋଳ ଯାତରାରେ ବିମାନେ ବିରାଜି
ଠାକୁର ବୁଲନ୍ତି ଯେବେ
ଆଲଟ ଚାମର ଗହଳି ଭିତରେ
ଛତିଟିଏ ଥାଏ ତେବେ ।

ଉପବନେ ପୋତି ପିପିଲି ଛତାକୁ
ମଉଜ କରଇ କିଏ
ଜାପାନୀ ଛତାକୁ ଦେଖିଛକି ପିଲେ ?
ଭାରି ମନଲୋଭା ସିଏ ।

III

# ବାଉଁଶ

ବାଉଁଶରେ ବାଉଁଶ
ସହଜେ ତୋ କ୍ଷୟ ନାହିଁ
ଭାରି ତୋର ଆୟୁଷ ।

ଝିରିଝିରି ପତର ତୋ
ଦୋଳି ଖେଳେ ବାଆରେ
ଚାଳଘର ଛପରକୁ
ତୁ ଯେ ବଡ ସାହାରେ ।

ପିନ୍‌ପିନ୍ ପତଳା ତୋ
ଦେହ ଭାରି ନହକା
କାତ କରି ତତେ କିଏ
ବାହି ନିଏ ନଉକା ।



ଚିରି ତତେ ସରୁ ସରୁ
କି ସୁନ୍ଦର ବଙ୍କେଇ
ବୁଣାକାର ବୁଣିଯାଏ
କୁଲା, ଡ଼ାଲା, ଟୋକେଇ ।



ନୂଆ ଗଜା କରଡିକୁ
ଖାଏ କିଏ ରାନ୍ଧିକି
ବାଡ ବା ବନାଏ କିଏ
ଦଉଡିରେ ବାନ୍ଧିକି ।



ଶିଢ଼ି କରି କିଏ ଅବା
ଉଠେ ଉ  ଛାତକୁ
ନଗି କରି ତତେ କିଏ
ତୋଳେ ଆମ୍ବ, ଆତକୁ ।

କାଟି ତତେ ଗାଈଆଳ
ତିଆରଇ ବଇଁଶୀ
ସାଧିବାକୁ ସୁର ଯେବେ
ଚରାଏ ସେ ମଇଁଷି ।

କିଏ ସେ ପଟାଳି କରି
ପାର ହୁଏ ନଇକି
ଗରବ ତୋ ଜମା ନାହିଁ
ଥାଉ ସଦା ନଇଁକି ।
ଗୋଟିକରୁ କୋଟିଏ ତୁ




ହେଉ କେଇ ବରଷେ
ସାଇଁ ସାଇଁ ଗୀତଗାଉ
ପବନର ପରଶେ ।

ଫମ୍ପା ସିନା ହେଲେ ଦେହ
ଟାଣୁଆ ତୋ ଭାରିରେ
ବୁଦା ତୋର ରୋପିବି ମୁଁ
ଆମ ଘର ବାରିରେ ।

III

# ମାଛ



କିଏ ଡାକିଥାଏ ପୋହଳା ବୋଲିକି
କିଏ ଡାକିଥାଏ ତୋଡି
ପାଣିରେ ପହଁରି ଖେଳ ମୁଁ ଖେଳଇ
ଚଗଲା ଲାଞ୍ଜକୁ ମୋଡି ।

ଶେଉଳ, ଭାକୁଡ, ଚାନ୍ଦି ଓ ଚୁଙ୍ଗୁଡି
ମିରିକାଳି, ରୋହି, କଉ
ମାଗୁର, ଗଡିଶା, ଇଲିସି, ଚିତଳ
ନାଆଁ ମୋ ରହିଛି ବହୁ ।

ଦେହସାରା ମୋର ରୂପେଲୀ କାତିର
ନାନା ଜାତି କାରିଗରୀ
ଚାଉଁକା ଭାରି ମୁଁ ସହଜେ ପାଣିରୁ
ପାରିବନି ମତେ ଧରି ।

ଜାଲର ଘେରରେ ଜଳରୁ ଓଟାରି
କେଉଟ ବିକଇ ମତେ
ମୋଠାରୁ ଅଧିକା ସୁଆଦିଆ ଜୀବ
କେଉଁଠୁ ପାଇବ ସତେ ।




ଭାଜିଖାଏ କିଏ, କିଏ ବା ରାନ୍ଧଇ
ଦେଇକି ବେସର ବଟା
ଖାଇଲା ବେଳକୁ ସାବଧାନ, ମୋର
ଦେହସାରା କୁନିକ । ।

ହ୍ରଦ ହେଉ, ହେଉ ଚୂଆ ବା ପୋଖରୀ
ହେଉ ବା ଝରଣା, ନଈ
ଛଳଛଳ ପାଣି ଉଛୁଳେ ଯେଉଁଠି
ସେଇଠି ଥାଏ ମୁଁ ରହି ।

ଯାଆଁଳ ଛାଡ଼ିକି ପାଣିରେ ଡୁମେଇ
ଚାଷ ମୋର ଥାଅ କରି
ଢେଉ କାଟି କାଟି ଭାସିଯାଏ ମୁହିଁ
ସତେ ଅବା ଜଳପରୀ ।


III

# ନାଉରୀ ଭାଇ



ନାଉରୀ ଭାଇ
ଘାଟରେ ବସିକି ରହିଛି ଚାହିଁ
ଯିବାକୁ ତମରି ସାଥିରେ
ଭାସି ବୁଲିବାକୁ ସକାଳେ, ସଂଜେ
ମୁକୁଳା ନଈର ଛାତିରେ ।

ଆହୁଲା ମାରି
ଦେଖି ନଈକୂଳ କ୍ଷେତ ଓ ବାରି
ଦେଖି ଦେଖି ଗାଆଁ, ନଗର
ଭାସି ଭାସି ଯିବା ଯେଉଁଠି ନଈ
ମିଶିଛି ଯାଇକି ସାଗର ।



ଧରିବା ମାଛ
ଦେଖିବା ଢେଉରେ ଭଉଁରୀ ନାଚ
ବୋହିଯିବା ନୀଳ ପାଣିରେ
ଦକ୍ଷିଣା ପବନ ପାଲରେ ବାଜି
ଡଙ୍ଗା ନେଉଥିବ ଟାଣି ରେ ।

ନାଉରୀ ବତା
ଜଳପରୀ ହସି କହିଚି କଥା
କେବେ ବି ତମରି ସାଥିରେ ?
ଚମକାଇ ତାର ରୂପେଲୀ ଡେଣା
ଜହ୍ନ ଝିଲିମିଲି ରାତିରେ ।

କହିଲ ମତେ
କୁନିଝିଅଟିଏ ମୋ ପରି ସତେ
ରହିଛି ତମରି ଘରେ କି ?
ଆସିବାକୁ ସିଏ ତମରି ସାଥେ
ଅଳି ଏଇଭଳି କରେ କି ? ।

III

# ଲୋଭୀ କୁନୁମୁନି




ମାଆ କରିଥିଲେ କ୍ଷୀରୀସା
ଘିଅଛଣା ଗୁଡ ଆରିସା
"ଆଉ କାହା ହାତ ରନ୍ଧା ନୁହଁ ମାଆ
ତୁମ ହାତ ରନ୍ଧା ସରିସା" ।
କୁନୁମୁନି ହସି କହିଲା
ପେଟ ଭରି କ୍ଷୀରି ଖାଇଲା
ମାଆ ବାଢିଦେଲେ ଆରିଷା ତିନୋଟି
କହିଲା 'ଇଏ ତ ନୋହିଲା' ।
ଆଉ ଦିଅ ପିଠା ଚାରୋଟି
ପିଠାଙ୍କ ଭିତରେ ସାରଟି
ଘିଅଛଣା କୁଡୁମୁଡିଆ ଆରିଷା
ଖାଇ ମୁଁ ପାରଇ ବାରଟି ।
ଗିନା ଭରା ଘନ ପାୟସ
ଖାଏ କୁନି କରି ଅୟସ
ସାଥିରେ ସାତଟି ଆରିଷା, ଅଟଇ
ଆଠ ଜମା ତାର ବୟସ ।
ଖାଇନେଲା ଜମା ଏତିକି



ପେଟ ଫୁଲେଇଲା ରାତିକି
ଛଟପଟ ହୋଇ କୁନି କହେ ନିଅ
ବେଇଗି ବଇଦ କତିକି ।
ମାଆ ଆଣିଦେଲେ ଓଷଦ
ବାଛି ବାଛି କରି ପସନ୍ଦ
କବିରାଜ ଦେଲେ, ଖାଇକି କୁନିର
ପେଟଟଣା ହେଲା ବଶ ତ ।
କୁନୁମୁନି କହେ 'ମାଆ ଗୋ
ଏଣିକି ଖାଇବି ଯାହା ଗୋ
ଅଳପ ଖାଇବି ସହଜରେ ତେଣୁ
ହଜମ ହୋଇବ ତାହା ଗୋ ।
ଲୋଭ କରି ବେଶୀ ଖାଇଲି
ତୁଚ୍ଛାଟାରେ ଦୁଃଖ ପାଇଲି
ପାଣିପାଇଁ ଜାଗା ରଖିକି ପେଟରେ
ଭୋଜନ କରିବ ଜାଇଁଲି' ।

|||

# ଜହ୍ନ



ଆଈମା କହିଲେ 'ଦେଖ୍ ରେ କୁନା ଜହ୍ନକୁ
ଝାଙ୍କେ କେମିତି ଧରିଛି ଠେକୁଆ ଚିହ୍ନକୁ'
କୁନା କହେ 'ଶୁଣ ଆଈଗୋ
ଜହ୍ନର ଜମିରେ ଖାଲ ଢିପ ସିଏ
ଠେକୁଆ ସେଠାରେ ନାହିଁ ଗୋ ।'
ଆଈ ମା ଅବାକ ଶୁଣିକି ନାତିର କଥାକୁ
କୁନା ବଖାଣଇ ଦୋହଲାଇ ତାର ମଥାକୁ
'ଜହ୍ନ ନୁହେଁ ପରୀ ରାଇଜ
ତୁଚ୍ଛା କଳପନା ଯେତେ ସବୁ ମତେ
ଜହ୍ନର କାହାଣୀ କହିଚ ।
ଧୂଳିଧୂସରିଆ ଜହ୍ନରେ ବହେନି ପବନ
ପାଣି ଟୋପେ ନାହିଁ କାହୁଁ ବା ଆସିବ ଜୀବନ ?



ଜୋଛନା କହୁଚ ଯାହାକୁ
ସୂରୁଜ କିରଣ ଜହ୍ନର ଦେହରେ
ପଡିକି ସରଜେ ତାହାକୁ ।
ଜହ୍ନ ବୁଲୁଥାଏ ପୃଥିବୀର ଚାରିପଟରେ
ଯିବାକୁ ସେଠିକି ଫିଟିବି ଗଲାଣି ବାଟ ରେ
ଆକାଶଯାନରେ ଚଢିକି
ଆସି ସାରିଲେଣି ମଣିଷ ଜହ୍ନରେ
ଚାଲିକି, ମାଟି ତା ମାଡିକି ।'
ହରଷେ ହସିକି ଆଈ ମା କହନ୍ତି 'କୁନରେ
କେତେ ନୂଆ କଥା ଶିଖାଇଲୁ ଆଜି ଧନରେ'
କୁନା କହିଥାଏ ଆଈଙ୍କି
'ତୁମେ ବି ଜାଣନ୍ତ ଏଇ ସବୁ କଥା
ପାଠ ପଢିଲନି କାହିଁକି ?'

III

# ଯାଦୁଗର



ହୁଅନ୍ତିକି ଯାଦୁଗର ଜୀବନରେ ଥରଟେ
କରନ୍ତି ସେ କାମ, ତୁମେ ଯିବନି ଯା ପରତେ ।
ଗୋଟା ଗୋଟା ରୂପା ଟଙ୍କା ପାରନ୍ତି ମୁଁ ସରଜି
ଉଡନ୍ତି ଆକାଶେ ଯଦି ହୁଅନ୍ତା ମୋ ମରଜି ।

ପାଣିକୁ କରନ୍ତି କ୍ଷୀର, କ୍ଷୀର ପୁଣି ପାଣିକି
ଗୋଲାମରେ ବଦଳାନ୍ତି ନାଲିପାନ ରାଣୀକି ।
ଗାୟବ କରନ୍ତି ତୁମ ହାତେ ଧରା ରୁମାଲ
ଅବାକ ହୁଅନ୍ତେ ଲୋକ ଦେଖି ମୋର କମାଲ ।



ହୁଅନ୍ତି କି ଯାଦୁଗର ଜୀବନରେ ଥରଟେ
ଯୋଖନ୍ତି କାଠର ଗଡ ହାଣି ତାକୁ କରତେ ।
ଗିଲାସରୁ ଗୋଟି ଗୋଟି କାଢନ୍ତି ମୁଁ ବତକ
ହସିକି ମାରନ୍ତେ ତାଳି କୁନି ପିଲା ଯେତକ ।

ଛୁଇଁଲେ ମୁଁ ନେଳିଫୁଲ ହୋଇଯାନ୍ତା ଗୋଲାପି
ମୁଠାରୁ ମୋ ବାହାରନ୍ତା ରସଭରା ଜିଲାପି ।
ଶିକୁଳିରେ ବନ୍ଧାହାତ ଖୋଲନ୍ତି ମୁଁ ପଲକେ
ବିଛୁରି ଯାଆନ୍ତା ମୋର ଯଶ ସାରା ମୁଲକେ ।

III

# କ୍ରିୟାପଦ

କ । ଫୁଟି ଆସୁଥିଲି ଚାଲିଥିଲି [illegible] ଯେବେ ମୁଁ
ଫଗୁଣ ଆସିଲା, ଫୁଲ ଫୁଟିଲାଣି
ଗୋଲାପି, ହଳଦୀ, ନାଲି ।



ତରା ଫୁଟିଲେଣି ଗୋଟି ଗୋଟି ହୋଇ
ଦିନ ଯେ ଆସିଲା ସରି
ଦିବାଲି ରାତିରେ ବାଣ ଫୁଟିଥାଏ
ଜଳିଥାଏ ଫୁଲଝରି ।
ନାଉରିଆ କହେ ନାଆ ଲାଗିଲାଣି
ଘାଟରେ, ଓହ୍ଲାଅ ଏବେ





କାଦୁଅ ଲାଗିଲା ଜାମାରେ କାଲି ମୁଁ
ପେଣ୍ଡୁ ଖେଳୁଥିଲି ଯେବେ ।

ଆଳୁଅ ଲାଗିଲେ ପାଠ ପଢ଼ିବାକୁ
ଜେଜେ ମା' ପକାନ୍ତି ହୁରି
ସୁଆଦ ଲାଗିଲା ବୋଉ କରିଥିବା
ଘା ତରକାରୀ, ପୁରି ।

କ୍ଷୀରକୁ ମାରିଲେ ରାବିଡି ମିଳଇ
ପାଟିକୁ ସୁଆଦ ସେ ଯେ
ହାଇ ମାରିଲାଣି କୁନି ଏବେ ତାକୁ
ଶୁଆଇ ଦିଅ ମା ଶେଯେ ।

କେଳା କହୁଥିଲା ନାଗସାପଟିକୁ
ନେଉଳ ମାରିଲା ବନେ
ବିଜୁଳି ମାରିଲେ ପଦାକୁ ଯିବନି
କଥାଟି ରଖିଥା ମନେ ।



ଦୁଇ ଭାଇଙ୍କର ବେକାର କଳିରେ
ଭାଙ୍ଗିଗଲା ତାଙ୍କ ଘର
ନିଦ ମୋ ଭାଙ୍ଗିଲା ସପନ ଦେଖିକି
ରାତିରେ ମାଡିଲା ଡର ।



ସଭା ଭାଙ୍ଗିଗଲା ବେଇଗି ଯେହେତୁ
ବରଷା ଆସିଲା ମାଡି
ଚଗଲା କହ୍ନେଇ କଣ୍ଢେଇ ଭାଙ୍ଗିଲା
ଭାଙ୍ଗିଲା ଖେଳଣା ଗାଡି ।

କ୍ରିୟାପଦ ସିନା ଗୋଟିଏ ହେଲେ ସେ
ଭଳି ଭଳି କହେ କଥା
ଏଇଭଳି ଉଦାହରଣ ପିଲାଏ
ଖୋଜି ଖୋଜି ମତେ ବତା ।

III

# କାହାଠୁ କଅଣ ଶିଖିବି

ପାଦପ ଦିଅଇ ଫୁଲ ଫଳ ପତ୍ର ଛାଇ ବି
ପର ଉପକାର ଗଛ ଇ ଶିଖାଏ
ଗୁଣ ତାର ନିତି ଗାଇବି ।
କୁଳୁ କୁଳୁ କୁଳୁ ନଈ ବହିଯାଏ
ପଥର ଚଟାଣ ଫଟାଇ
ଶିଖାଏ ଆଗକୁ ବଢିବା ପାଇଁକି
ମନରେ ସାହସ ଜୁଟାଇ ।
କୋଦାଳ, ଶାବଳ ପାହାର ଖାଇକି
ବସୁଧା ଦିଅଇ ଫସଲ
ସହନଶୀଳତା ଆମକୁ ଶିଖାଏ
ଅବଧାନ ସିଏ ଅସଲ ।
ଗୁଣୁଗୁଣୁ ଗୀତ ଗାଇ ମହୁମାଛି






ଫେଣାରେ ସାଇତେ ମହୁ ତ
ହରଷ ମନରେ କାମ କରିବାର
ପାଠ ସେ ଶିଖାଏ ବହୁତ ।
ସୂରୁଜ ଢାଳଇ କିରଣ ହେଉ ସେ
ସାଗର, ଚୂଆ ବା ପୋଖରୀ
ଶିଖାଏ ସଭିଙ୍କୁ ଭଲ ପାଇବାକୁ
ସାନବଡ ଭେଦ ନକରି ।
ଝର ଝର ଝର ବରଷାର ଧାରା
ଶିଖାଏ ଗୀତରେ ଗୀତରେ
ଆନର ମଙ୍ଗଳ କରିବା ପାଇଁ କି
ବଇରୀ ନରଖି ଚି ରେ ।

III

# ତାଳଗଛ



ଶାଖା ନାହିଁ ମୋର ପତର ଛତିରେ
ସଳଖ ସୁନ୍ଦର ଛା ରେ ତିଆରି
ତାଳଗଛ ପରା ମୁହିଁ ।
ଗଣ୍ଡିରୁ ଗଜୁରେ ଗୋଟି ଗୋଟିକିଆ
ଚଉଡା ପତର ଥାକ
ଶୁଖିଲେ ବରଡା ଖସି ଖସି ପଡେ
ଦାଗ ରଖି ଦେହ ଯାକ ।
ମଞ୍ଜି ମୋ କଅଁଳ, କଷି ବେଳେ ତମେ
ତାଳସଜ ବୋଲି କୁହ
ପାଣି ଭରା ଶସ ମଉଜ କରିକି
ଖାଇଥାନ୍ତି ଝିଅ, ପୁଅ ।
ପାଚିଲା ତାଳର ରସକୁ ଚୁପୁଡି
ଚୁଲିରେ ଆଉଟି ତାହା
ଚାଉଳ ଚୂନାର ଜନ୍ତଣୀ ବନାଇ
କାକରା କରନ୍ତି ମାଆ ।
ରସ ମୋ ରାନ୍ଧିଲେ ଗୁଡପାଗ ହୁଏ
ବାସନା ନିଆରା ତାର




ହାଟବାର ତାକୁ ବେପାରୀ ବିକିକି
କରିଥାଏ କାରବାର ।
ଚାଷୀଭାଇ ଯେବେ ଝଡି ବରଷାରେ
କ୍ଷେତକୁ ନିଅଇ ହଳ
ପିଠିରେ ଦିଏ ମୋ ପତର ପଖିଆ
ନିଗିଡି ପଡଇ ଜଳ ।
ନାଥଯୋଗୀ ତାର ହାତରେ ଧରଇ
ବେ ଲଗା ତାଳ ଛତା
ଗରିବ କେ ଘର ଛାଆଣି କରଇ
ଦେଇ ମୋ ବରଡା, ବତା ।
ଗରମ ଲାଗିଲେ ତାଳ ପତରର
ବି ଣାଟି ତୁମେ ଧର
ତାଳପତରର ପୋଥିଟିଏ ଥିବ
ଖୋଜିକି ଦେଖିବ ଘର ।

।।।

# ଭୂଗୋଳ

କାହ୍ନୁ କହେ ମାଆ ନିଇତି ସକାଳେ
ସୂରୁଜ ଉଆଁନ୍ତି ପୂରବେ
ଧୀରେ ଧୀରେ ଆସେ ଆକାଶ ମଝିକୁ
ଦେଖିଥାଉ ଆମେ ସରବେ ।
ସଂଜ ଆସିଗଲେ ପଶ୍ଚିମ ପଟେ
ଟୁପ୍ କରି ଯାଏ ଉଭେଇ
ନେଳିଆ ଗଗନ କୋଳରୁ ଛବି ତା
ସତେ ବା ଦିଏ କେ ଲିଭେଇ ।
କହ ମାଆ କହ କେଉଁ କୁହୁକରେ
ସୂରୁଜ ଚାଲୁଚି ନଭରେ
ସଂଜରେ ଲୁଚିକି ସକାଳେ ଆସୁଚି
ଡାମରା କାଉର ରାବରେ ।
'ସୂରୁଜ ଚାଲୁନି, ଗୋଟିଏ ଜାଗାରେ





ରହିଚି ସେ ଥିର୍ ହେଇକି'
ବୁଝାଇଲେ ମାଆ ଭୂଗୋଳ ପାଠକୁ
କାହ୍ନୁକୁ କୋଳକୁ ନେଇକି ।
କହିଲେ 'ପୃଥିବୀ ନିଜ ଚାରିପଟେ
ଘୂରିବୁଲୁଥାଏ ନିଇତି
କଥାଟି ମନରେ ରଖିଥିବୁ ଧନ
ଚିର ଦିନ ଲାଗି ସାଇତି ।
ସୂରୁଜ ଆଡକୁ ଆସୁ ଯେବେ ଆମେ
ଦିନ ହୁଏ ଶୁଣ୍ କହ୍ନେଇ
ବୁଲୁ ଯେବେ ଆମେ ଓଲଟା ପଟକୁ
ରାତି ଆସିଥାଏ ଘନେଇ ।

III

# କାହାଣୀ

କାହାଣୀ ଇଏ ଯେ ବହୁତ ପୁରୁଣା
ରାଜାଟିଏ ଥିଲେ ଦେଶରେ
ଦରବାରେ ଆସି ବିଜେ ହେଉଥିଲେ
ଜକଜକ ସୁନା ବେଶରେ ।

ଭାବିଲେ ଦିନଟେ ସୁନାର ଟେଳାରେ
ଗନ୍ତାଘର ଯଦି ଭରନ୍ତା
ସବୁଠୁ ଧନୀକ ଧରାରେ ବୋଲାନ୍ତି
ଭାଳେଣି ଯେତେ ମୋ ସରନ୍ତା ।





ଦେଉଳ ବେଢାରେ ପହ୍ ରାଜନ
ଦିଅଁଙ୍କୁ ଡାକିଲେ ଯାଇକି
ଯାହା ଛୁଇଁ ଦେବେ ସୁନା ହୋଇଯିବ
ବରଟିଏ ଦେବା ପାଇଁକି ।

ମୁରୁକି ହସିକି ଠାକୁର କହିଲେ
'ଯାଆ, ଦେଲି ଏଇ ବରଟି'
ପାଟଛତି ତଳେ ରାଜା ଲେଉଟିଲେ
ପହ୍‌ଲେ ଆସି ଘରଠି ।

ଅତି ଅଲିଅଲୀ ରାଜାଙ୍କ ଦୁଲାଳୀ
ଖେଳୁଥିଲା ବସି କଉଡି
ବାପାଙ୍କୁ ଦେଖିକି କୋଳରେ ତାଙ୍କର
ଚଢ଼ିଲା ଆସିକି ଦଉଡି ।



ଅଜବ ଘଟଣା, ରାଜା ନିରେଖିଲେ
ଝିଅ ହେଲା ସୁନା କଣ୍ଢେଇ
ଗୁମୁରି ଗୁମୁରି ରାଜା କାନ୍ଦୁଥିଲେ
ଝିଅର ପ୍ରତିମା କୁଣ୍ଢେଇ ।
କହିଲେ 'ପ୍ରଭୁ ହେ, ବର ଲୋଡା ନାହିଁ



ଲୋଡା ନାହିଁ ସୁନା ରୂପାରେ
ଏତିକି ମାଗୁଣି ଝିଅ ମୋର ହେଉ
ମଣିଷ ତୁମରି କୃପାରେ' ।

ବର ଲେଉଟାଇ ଝିଅକୁ ପାଇଲେ
କଟିଲା ରାଜାଙ୍କ ବିପଦ
ବୁଝିପାରିଥିଲେ ସୁନା ନୁହେଁ, ତାଙ୍କ
ଝିଅଟି ତାଙ୍କର ସମ୍ପଦ ।

III

# ଝମରଝାଇଁ




ଝମର ଝାଇଁ କୁନାକୁନି ଦିହେଁ ଭଉଣୀ ଭାଇ
ଦିନଟିଏ ଗଲେ ହାଟ
ମନ ମଉଜରେ ଟିକଟ କାଟି
ଦେଖିଲେ କଣ୍ଢେଇ ନାଟ ।
ଝମରଝାଇଁ
କୁନାକୁନି ଦିହେଁ ଭଉଣୀ ଭାଇ
ହାଟରୁ କିଣିଲେ ଖଜା
ସାଥିରେ ମୁଡ଼ୁକି, ଗାଣ୍ଠିଆ, ସେଉ
ଗୁଡପାଗ ବୁଟ ଭଜା ।
ଝମରଝାଇଁ
କୁନାକୁନି ଦିହେଁ ଭଉଣୀଭାଇ
ଫେରି ଆସୁଥିଲେ ଯେବେ
ଭୋକିଲା ପେଟର ଭିକାରୀଟିଏ
ବାଟରେ ଭେଟିଲେ ତେବେ ।
ଝମରଝାଇଁ
କୁନାକୁନି ଦିହେଁ ଭଉଣୀଭାଇ



ଠୁଙ୍ଗାରୁ ତାଙ୍କର କାଢ଼ି
ଭିକାରୀକି ଦେଲେ ମୁଡ଼ୁକି, ସେଉ
ଭରତି କରି ତା ଥାଳି ।
ଝମରଝାଇଁ
କୁନାକୁନି ଦିହେଁ ଭଉଣୀଭାଇ
ପହ୍ଲେ ଯେବେ ଘର
ଭାବିଲେ ଏକଥା ଜାଣିଲେ ବାପା
ରାଗିବେ, ଲାଗିଲା ଡର ।
ଝମରଝାଇଁ
କୁନାକୁନି ଦିହେଁ ଭଉଣୀଭାଇ
ଖୁସି ହୋଇଗଲେ ଶୁଣି
ବାପା ଡାକି ଯେବେ କହିଲେ 'ଭଲ
କାମ କଲ କୁନାକୁନି' ।

III

# ଫଳ କିଆଁ ଖସେ ତଳକୁ



ନାଲି ଟୁକୁଟୁକୁ ପାଚିଲା ଆମ୍ବଟି
ଗଛ ତଳେ ଥିଲା ପଡି
ବୁଲୁଥିଲା ବୁନୁ ବଗିଚା ଭିତରେ
ବେଳ ଯେବେ ଦୁଇ ଘଡ଼ି ।
ଆମ୍ବଟି ପାଇକି ଖୁସିରେ ଦଉଡ଼ି
ଆସିଲା ମାଆଙ୍କ ପାଶେ
କହିଲା 'ମାଆଗୋ, ସିନ୍ଦୂରୀ ଆମ୍ବଟି
ପଡିଥିଲା ଦୁବଘାସେ ।
ଫଳଟି କାଟିକି ଆଦରେ ବୁନୁକୁ
ବଢାଇଲେ ଯେବେ ମାଆ
ବୁନୁ କହିଥିଲା 'ଦିଅ ମା ଉ ର
ପଚାରୁଛି ଏବେ ଯାହା ।



ପାଚିଲା ଫଳଟି କାହିଁକି ପଡିଲା
ସବୁଜ ଘାସର ଶେଯେ
ଉପର ଆଡକୁ ନଯାଇ କାହିଁକି
ତଳକୁ ଖସିଲା ସେ ଯେ ?'
ବୁନୁକୁ କୋଳେଇ କହିଥିଲେ ମାଆ
'ପଢିଲେ ଜାଣିବୁ ବହି
ଫଳ କିଆଁ ଖସେ ତଳକୁ ସେକଥା
ନିଉଟନ୍ ଥିଲେ କହି ।
ପୃଥିବୀ ମାଆର ଦେହରେ ଭରିକି
ରହିଛି ଏଭଳି ବଳ
ଟାଣିଆଣେ ଯିଏ ସହଜେ ତଳକୁ
ଡେଙ୍ଗରୁ ହୁଗୁଳା ଫଳ ।'

III

# କଳିକା



ବାପା ଡାକିଥାନ୍ତି ଆଦରେ ଅଳିଅଳିକା
କେବେ ଗଳାମାଳି, କେବେ ଫୁଲକଢ଼ି
ନାଆଁ କିନ୍ତୁ ମୋର କଳିକା ।

ବୋଉ ଡାକିଥାଏ ଶଙ୍ଖାଳି ବୋଲିକି
କହେ ପାଇଛି ମୋ ଝିଅକୁ
ବାର ଓଷା ତେର ପାରବଣ କରି
ପୂଜା କରି ନିତି ଦିଅଁଙ୍କୁ ।

ବୁଢ଼ୀମା ଡାକନ୍ତି ଚନ୍ଦ୍ରଉଦିଆ
କହନ୍ତି ନାତୁଣୀ ମୋହର
ପାଠପଢ଼ି ହେବ ଯଶୋମତୀ, ଗୁଣ
ଗାଉଥିବ ସାରା ସହର ।
ଜେଜେ ଡାକିଥାନ୍ତି ସପନକୁଅଁରୀ
କହନ୍ତି 'ତୋହରି ହସରେ
ଘରେ ଛୁଟେ ଆମ ଖୁସିର ଲହରୀ
ଗୁଣେ ତୋ ସଭିଏଁ ବଶ ରେ' ।

ସାରା ପରିବାର ନାଆଁ ଦେଇଛନ୍ତି
ବାଛି ବାଛି ଭଲିଭଲିକା
ବାପା ବୋଉଙ୍କର ସପନ ସଜାଏ
ଗେହ୍ଲାଝିଅ ମୁହିଁ କଳିକା ।



III

# ମାଆ



ଜନମ କାଳରୁ ମୋହରି ଲାଗି ଯେ
ଆଖିରୁ ଢାଳିଲା ଲୁହ
ସରଗର ସୁଖ ପାଇଲି ଯାହାର
ପଣତେ ଲୁଚାଇ ମୁହଁ ।
ଦୁଃଖ ମୋ ଦେଖିଲେ କରୁଣାରେ ଯାଏ
ତରଳି ଯାହାର ଛାତି
ଯାହାର ଉଷୁମ କୋଳରେ ବିତିଛି
କେତେ ଯେ ପଉଷ ରାତି ।
ସେହି ସେ ମୋହରି ମାଆ
ଜନମଦାୟିନୀ ଜନନୀ ସେ ମୋର
ସାରା ଜୀବନର ସାହା ।



ଯାହାର ଫଳର ରସରେ ପାଇଲି
ଶକତି ଚାଲିବା ପାଇଁ
ଶରୀର ସବଳ, ସଚଳ ହୋଇଲା
ଯାହାର ଫସଲ ଖାଇ ।
ମହମହ ଯା'ର ଫୁଲବନ ଦେଖି
ସପନେ ହୋଇଲି ଭୋଳ
ଯାହାର ଛାତିକୁ ପାଦରେ ଦାବିକି
କରିଗଲି କେତେ ଗୋଳ ।
ସେହି ସେ ମୋହରି ମାଆ
ସହନଶୀଳା ଓ ଭାରି ଦୟାମୟୀ
ମାଟି ଅଟେ ତାର ନାଆଁ ।

ଫରଫର ଯାର ତିରଙ୍ଗା ଦେଖିଲେ
ଖୁସିରେ ଦୁଲୁକେ ମନ
ସବୁଠୁ ସୁନ୍ଦର ଦିଶିଥାଏ ଯାର
ଆକାଶେ ପୂନେଇଁ ଜହ୍ନ
ଦୂରଦେଶେ ଥିଲେ ବାରବାର ଯିଏ
ଡାକିଥାଏ ହାତଠାରି
ଚିରୁଡାଏ ଯାର ନେଇଗଲେ କିଏ
ମନ ହୋଇଯାଏ ଭାରି
ସେହି ସେ ମୋହରି ମାଆ
ଜନମଭୂଇଁ ମୋ ସରିବନି ତାର
ଗୁଣପଛେ ଯେତେ ଗାଆ ।

III






# ଅଜା



ଅଜା ଆମ ପୂରା ପାକୁଆ
ସଫା ଗୋରା, ଲମ୍ବ ନାକୁଆ
ଆମ୍ବ ଖାଇ ସାରି ଗାତ ଖୋଳି ଖୋଳି
ବାରିରେ ପୋତନ୍ତି ଟାକୁଆ ।
ଅଜା ପିନ୍ଧିଥାନ୍ତି ଫତୁଆ
ସକାଳେ ଖାଆନ୍ତି ଛତୁଆ
କିଣି ଆଣିଛନ୍ତି ହାଟରୁ ବାଛୁରୀ
ବଦ୍‌ମାସ୍ ଆଉ ନାତୁଆ ।
ଅଜା ଚାଲୁଥାନ୍ତି ନଇଁକି
ବାଡି ଧରି ରହିରହିକି
ସରାଗ ତାଙ୍କର ଚୂଡାଘଷା ଆଉ
ସରଲଗା ବସା ଦହିକି ।
ଅଜା ଆମ ଭାରି ପାଠୁଆ
ରାସଦଳେ ଥିଲେ ନାଟୁଆ
କେତକୀ ଖଇର ମହମହ ବାସେ
ଖୋଲିଦେଲେ ତାଙ୍କ ବଟୁଆ ।



ଅଜା ଗାଇଥାନ୍ତି ଭଜନ
ପ୍ରଭୁ ହେ ଗରବ ଗଞ୍ଜନ
ଅଜାଙ୍କ ସାଥିରେ ପାଳି ଧରୁ ଆମେ
ନାତି ଓ ନାତୁଣୀ ଛ'ଜଣ ।
ଅଜାଙ୍କ କାନ୍ଧରେ ଚଦର
ସଭିଙ୍କୁ କରନ୍ତି ଆଦର
ପୂଜା ଖରଚକୁ ଗଣିଗଣି ମତେ
ଟଙ୍କା ଦେଇଥିଲେ ପନ୍ଦର ।
ଅଜାଙ୍କ ପରି କେ ନୁହଁଇ
ଛାତିରେ ତାଙ୍କର ବହଇ
କୁଳୁକୁଳୁ କୁଳୁ ସେନେହର ଧାରା
ଗୀତେ ମୁଁ ସେକଥା କହଇ ।

III

# ଆଦରମଣି



ଆମରି ଗାଁର ଆଦରମଣି
କଥା ସବୁ ତାର ଓଲଟା
ଭଲକୁ କହଇ ଖରାପ ସିଏ
        ଖରାପକୁ କହେ ଭଲଟା ।
ବଇଶାଖେ କହେ ଲାଗୁଛି ଶୀତ
        ଦରକାର ମୋର ରେଜେଇ
ପଉଷେ କହଇ ଗରମ ଭାରି
        ପଣା କରି ପିଏ ନିଜେଇ ।
ବିଲାତି ଆଳୁକୁ ପିଆଜ କହେ
        ସଂଜକୁ କହେ ସକାଳ
ପଖାଳକୁ କହେ ତବତ ଭାତ
        ତବତକୁ କହେ ପଖାଳ ।
ଖରା ପଡିଥିଲେ କହଇ ଦେଖ
        କେମିତି ମାଡ଼ିଛି କୁହୁଡି
କୁହୁଡିକୁ କହେ ବରଷା ଏଯେ
        କେବେ ଯିବ ସତେ ବାହୁଡି ।
ଶୋଷ ଲାଗୁଥିଲେ କହଇ ଭାରି



        ଭୋକ ଲାଗିଲାଣି ମତେ ରେ
ଗୋଲାପକୁ ଚାହିଁ କହଇ କେଡ଼େ
        ନେଳିଆ ଫୁଲ ଏ ସତେରେ ।
ପଚାରିଲି ଦିନେ 'କହୁଚୁ ହାତୀ
        ଦେଖୁଛୁ ଯେବେ ତୁ ଝିଂକା
ଏଡିକି ବୋକା ତୁ' କହିଲା ମଣି
        ମାରି ମତେ ଆଖି ମିଟିକା ।
'ତମେ ସବୁ ଟିକେ ହସିବ ବୋଲି
        ଏମିତି କହୁଛି ମଜାରେ
ମୋ ଭଳି ବୁଦ୍ଧିଆ ପାଇବ ନାହିଁ
        ପିଲା ଖୋଜିଆସ ହଜାରେ ।'

III

# ଉପହାର

ବାପା ଯାଇଥିଲେ ପୁରୀକି
କିଣି ଆଣିଥିଲେ କୁନୁମୁନି ପାଇଁ
ଅବଢ଼ା ଯତନ କରିକି ।



ବାପା ଯାଇଥିଲେ ନଖରା
ପାଇକି ସେଠାରୁ ଡାକରା
କିଣି ଆଣିଥିଲେ କୁନୁମୁନି ପାଇଁ
ଘିଅ ଛଣା ମଣ୍ଡା, କାକରା ।

ବାପା ଯାଇଥିଲେ ନିଆଳି
ଭଳି ଭଳି ବାଜା, କାହାଳୀ
କିଣି ଆଣିଥିଲେ, ସାଥିରେ ସିଲଟ
କୁନି ଯାଏ ପରା ଚାହାଳୀ ।




ବାପା ଯାଇଥିଲେ ଆସିକା
ମଟରରେ ବସି ବସିକା
କିଣି ଆଣିଥିଲେ ଫେଣୀଗଜା, କୁନି
ଖାଇନେଲା ହସିହସିକା ।



ବାପା ଯାଇଥିଲେ ଖୋରଧା
ବୁଲିବାରେ ତାଙ୍କ ଶରଧା
କିଣିଆଣିଥିଲେ କୁନିର ବଖରା
ପାଇଁକି ଛିଟର ପରଦା ।

ବାପା ଯାଇଥିଲେ ବାଙ୍କିକି
ମାମୁ ନେଇଥିଲେ ଡାକିକି
କିଣି ଆଣିଥିଲେ କୁନିପାଇଁ ଛବି
ବିକୁଥିଲା ଜଣେ ଆଙ୍କିକି ।








ବାପା ଯାଇଥିଲେ କଟକ
ଦେଖିବା ପାଇଁକି ନାଟକ
କିଣି ଆଣିଥିଲେ ବହିଟିଏ, ଦେଲେ
ଖୋଲୁ ଖୋଲୁ କୁନି ଫାଟକ ।


ଦେଖ ଏବେ କୁନି ଖୁସିକି
ବାପାଙ୍କ କୋଳରେ ପଶିକି
କହିଲା 'ବଢ଼ିଆ ଉପହାର ଇଏ
ପଢ଼ିବି ଯାଉଛି ବସିକି' ।

|||

# ତୁଳସୀ



ଦୋହଲି ଦୋହଲି ବାରିବଗିଚାରେ
ବାସନା ଯାଉ ତୁ ବରଷି
ସବୁ ପୂଜାପାଠ ଅକାରଣ ଯଦି
ପାଖରେ ନାହୁଁ ତୁ ତୁଳସୀ ।
ନିଇତି ସଂଜରେ ଗଛମୂଳେ ତୋର
ଘିଅ ଦୀପ ବୋଉ ଜାଳଇ
ବୃନ୍ଦାବତୀଙ୍କୁ ସୁମରି ମନରେ
ସଭିଙ୍କ କୁଶଳ ଭାଳଇ ।
ଗୁରୁବାର ଦିନ ମୂରୁଜ ପକାଇ
ଚଉରା ତୋ ଲିପି ପୋଛିକି
ଜେଜେମା କରନ୍ତି ପୂଜା ଆରାଧନା
ନାନା ଜାତି ଫୁଲ ବାଛିକି ।



ଗଳାବଥା, ଜର, ଉଦର ବେମାରି
ଅଥବା କାଶ ଓ ସରଦି
ରସ ତୋ ପିଇଲେ ରୋଗ ବଇରାଗ
ଦଉଡି ପଳାଏ ଜଲ୍‌ଦି ।
ଝିରିଝିରି ଫୁଲ ଶୋଭା ପାଉଥାଏ
ନୁଆଁଣିଆ ଶାଖା ଅଗରେ
ଡାଳ ତୋ କାଟିକି ବନାଏ କିଏବା
କଣ୍ଠିମାଳ କେଡ଼େ ବାଗରେ ।
ଗଛଙ୍କ ଭିତରେ ଗଛଟିଏ ତୁହି
ହିତକାରୀ ଭାରି ତୁଳସୀ
ଗାଧୁଆ ସାରିକି ମୂଳେ ତୋ ଢାଳିବି
ପାଣି ମୁଁ ଭରିକି କଳସୀ ।

|||

# ଅଳି



ବାପା ଯାଉଥିଲେ ବଜାର କରି
ଲେଖୁଥିଲେ ବସି ଚିଠା
କହିଲେ 'ତୋ ଲାଗି ଆଣିବି କୁନି
ଆଜି ମୁଁ ବଢ଼ିଆ ମିଠା' ।

କହିଲି 'ବାପା ମ ! ଲୋଡା ମୋ ନାହିଁ
ଜିଲିପି, ବୁନ୍ଦିଆ, ଲଡୁ
ଭଲ ବହିଟିଏ ଆଣିବ କିଣି
ଦଶଟଙ୍କା ପଛେ ପଡୁ ।



ଗଲାଥର ଯେଉଁ କାହାଣୀ ବହି
ଭାଇ ଦେଇଥିଲେ ଆଣି
ଦେଶ ବିଦେଶର ଖବର କେତେ
ପଢି ତା ପାରିଲି ଜାଣି ।


ଗୀତ ବହିଟିଏ ଆଣିବ ଯଦି
ପାଠଶାଳା ହେଲେ ଛୁଟି
ପଢିବୁ ବସିକି ଆମରି ଘରେ
ସାଥି ପିଲା ସବୁ ଯୁଟି' ।

କଥା ଶୁଣି ମୋର ଆଉଁଷି ମଥା
ବାପା ଉଠିଗଲେ କହି
'ସୁନାଝିଅ ଲାଗି ଗୋଟିଏ ନୁହେଁ
ଆଣିବି ଯୋଡିଏ ବହି' ।

III

# ଆଜି





କାଲିର ଦିନଟି ବିତିଗଲା ଆଉ
ଆସିବନି ଜମା ଲେଉଟି
ତୁଚ୍ଛାକୁ କରନା ଶୋଚନା ମନରେ
କାଲିର କଥାକୁ ସାଉଁଟି ।
ଭୁଲ୍ ହେଉ ଅବା ଠିକ୍ ହୋଇଥାଉ
ଯାହା କଲ ତାହା ସଇଲା
ମନ ସିଲଟରୁ ଲିଭାଇ ପକାଅ
ତାଲିକା, ଯା ସବୁ ନୋହିଲା ।
ଆସନ୍ତା କାଲିକି ଦେଖିଛି କିଏ ସେ
କିସ ହେବ କାଲି ସକାଳେ
ପଲାଉ, ପାୟସ, ମିଳିବକି ଅବା
ଦିନ କଟିଯିବ ପଖାଳେ ।



ଝଡ ଆସିବକି ଖରା ଝଲସିବ
ଆଜି କେ ସେ କଥା କହିବ
ଅଜଣା ଦିନର କଥାକୁ ଭାଳିକି
କାହିଁକି ବା ଦୁଃଖ ସହିବ ।
ଆଜିର ଦିନଟି ହାତେ ଅଛି ତୁମ
ମାଲିକ ତୁମେ ଇ ଆଜିର
ଆଜିର କାମଟି ଭଲକି କରିଲେ
ଜିତାପଟ ନବ ବାଜିର ।
ବେଳ ଗଡିଯାଏ, ବେଳ ଗଡିଯାଏ
ଆଜିକୁ ଦିଅନା ହଜାଇ
ଯେଉଁ କାମ ଆଜି ଏବେ ଇ କରୁଚ
କର ତାହା ମନ ମଜାଇ ।


III

# ଚୁଇଁ ମୁଇଁ



ଚୁଇଁ ମୁଇଁ ଦିହେଁ ଯାଆଁଳା ଭାଇ
ଚୁଇଁ କଳା, ମୁଇଁ ମାଟିଆ
ଯେହେତୁ ଚୁଇଁଆ ଚଗଲା ଭାରି
ମାଆ ହୁଏ ମୁଇଁ ପଟିଆ ।
ରୋଷେଇଶାଳର କନ୍ଦିରେ ଦିନେ
ଅନ୍ଧାରୁଆ ଜାଗା ବାଛିକି
ଗାତ ଖୋଳି ମାଆ ବାନ୍ଧିଲା ବସା
ଚୁଇଁ କହେ ନାଚି ନାଚିକି ।
ଛପିକି ଏଣିକି ପାୟସ, ପିଠା
ଖାଇବି, କରିବି ମଉଜ
ମାଆ କହେ ଧନ, ନାଇଁରେ ନାଇଁ
ଏଠି ଯେ ମଣିଷ ଫଉଜ ।
ଖାଇସାରି ଲୋକେ ଫିଙ୍ଗିବେ ଯାହା
ବହୁତ ସେ ଆମ ପାଇଁକି
ଚୋରି କରିବାଟି ନିଉନ କାମ
କହିଲେ ବୁଝୁନୁ କାହିଁକି ?
ମୁଇଁ ମାନିଥାଏ ମାଆର କଥା
ମୁହଁ ମାରେ ନାହିଁ ହାଣ୍ଡିରେ
ଚୋରି କରି ଚୁଇଁ ମିଠେଇ ଖାଏ
ଛପି ଛପି ଓର ଉଣ୍ଡିରେ ।






ହରକତ ଦେଖି ଚୁଇଁର ଦିନେ
ଘରବାଲା ହୋଇ ବିଜାର
ନୂଆ ଯନ୍ତାଟିଏ ଆଣିଲେ କିଣି
ହାଟବାର ଯାଇ ବଜାର ।
ଜିଲିପି ଲୋଭରେ ଯନ୍ତାରେ ପଶି
ଚୁଇଁ ଗଲା ଥରେ ଅଟକି
ଚାରିପଟେ ଥିଲା ନିବୁଜ ଲୁହା
ତାର ଜାଲିମାନ ଲଟକି ।
ବାହୁନି କାନ୍ଦଇ ଚଗଲା ଚୁଇଁ
ମାନିଲିନି କଥା ମାଆର
ଚୋରି କରୁଥିଲି, ସେ ଲାଗି ଦିଅଁ
ଦେଲେ ମତେ ବଡ଼ ପାହାର ।

|||

# ପରିବା ଖାଇବି ଏଣିକି



ଯତନ କରିକି ଭାତ ବାଢ଼ିଲେ ମା'
ଜେଜେ ଆସିଥିଲେ ଗାଆଁରୁ
ଚଗଲା କହ୍ନେଇ ତିଅଣକୁ ଚାହିଁ
ରୁଷିକି ଉଠିଲା ଠାଆରୁ ।
କହିଲା 'ଥାଳିରୁ ଉଠାଅ ବେଇଗି
ବାଇଗଣ ଜହ୍ନି ଟୁକୁଡ଼ା
ଖାଇବିନି ପୋଇ, କଖାରୁ, କୁନ୍ଦୁରି
କାହିଁକି ହେଇନି କୁକୁଡ଼ା' ?
ଜେଜେ କହିଥିଲେ କାହ୍ନୁକୁ ବସାଇ
ନିଜ ପାଖେ ବଡ଼ ପିଢ଼ାରେ-
'ଶରୀର ପାଇଁକି ଯାହା କିଛି ଲୋଡ଼ା
ସବୁ ତ ହୋଇଛି ବଢ଼ାରେ
ଜାଣିନୁକି ବାବୁ ପରିବା ପତର
ଶକତି ଦିଅଇ ଅସଲ
ବସୁମତୀ ମାଆ ସେଇଲାଗି ଦିଏ
ଭଳି ଭଳି ନୂଆ ଫସଲ ।



ମରିଚ ମସଲା ପେଟକୁ ଅହିତ
କଥାଟି ରଖିଥା ଜାଣିରେ
ଭାବିଚୁକି ଥରେ କେତେ ସାର ଅଛି
ଘରସିଝା ଡାଲିପାଣିରେ ?
ରଙ୍ଗ ବେରଙ୍ଗର ପଶୁପକ୍ଷୀ ନେଇ
କି ସୁନ୍ଦର ଧରା କହତ !
ବଧ କରି ତାଙ୍କୁ ଭୋଜନ କରିବା
କାମ ସେ କି ଅଟେ ମହତ ?'
ଜେଜେଙ୍କ ବଚନ ଶୁଣିକି ଅବୁଝା
କହ୍ନେଇ ବସିଲା ଠାଆରେ,
କହିଲା ଏଣିକି ପରିବା ଖାଇବି
ବାଢ଼ି ଦେବେ ମାଆ ଯାହାରେ ।'
III

# ଅଦା



ନାଆଁଟି ମୋର ଅଦା
କାମରେ ତୁମ ଲାଗିବା ପାଇଁ
ତିଆର ମୁହିଁ ସଦା ।
ସବୁ ଦେଶରେ ସବୁ ଜାଗାରେ
ଜନମିଥାଏ ମୁହିଁ
ଗଜୁରିଯାଏ ସହଜେ କେନା
ବାଲିଆ ହେଲେ ଭୂଇଁ ।
ସନ୍ତସନ୍ତିଆ, ଛାଇଛାଇଆ
ମାଟିରେ ଯାଏ ସଢ଼ି
ଅଉଷଧିର ଦିଅଇ କାମ
ବେମାରି ଦିଏ ତଡ଼ି ।
ଜଗତସାରା ଗୁଣ ମୋ ଗାଏ
ରହିଛି ମୋର ଯଶ
ନିରୋଗ ଦେହ ରଖିବା ପାଇଁ
ପିଇବ ଅଦା ରସ ।
ବଦହଜମି, ଶରଦି, କାଶ



ମୋ ଲାଗି ହୁଏ ଦୂର
ଗାୟକ ଖାଏ କରିବା ପାଇଁ
କୋମଳ ତାର ସ୍ୱର ।
କିଏ ସେ କରେ ଆଚାର ଅବା
କିଏ ସେ ଖାଏ ବାଟି
ତରକାରୀକୁ ସୁଆଦ କରେ
ଖାଇବ ହାତ ଚାଟି ।
ଚାହାପାଣିରେ ଫୁଟାଇ ମତେ
ପିଏ କେ ଶୀତଦିନେ
ଶୁଖିଲେ ଲୋକେ କହନ୍ତି ଶୁଣ୍ଠି
ବଇଦ ମତେ ଚିହ୍ନେ ।
ପାଟିକୁ ରାଗ, ଦେହକୁ ବାଗ
ନାଆଁଟି ମୋର ଅଦା
ରୋପଣ କର ମାଟିରେ ନେଇ
ରଖନା ବାରି ପଦା ।

|||

# ପାଣିରେ ପାଣି



ପାଣିରେ ପାଣି
କଥା ଅଛି ତତେ ପିଇବ ଛାଣି
ରୂପ ନାହିଁ ରଂଗ ନାହିଁ ତୋ
ତଥାପି ଜାଣିଥା ବସୁଧା ଯାକ
ଥାଆନ୍ତି ସୁଗୁଣ ଗାଇ ତୋ ।
ପାଣିରେ ପାଣି
ପଶୁପକ୍ଷୀ ଜୀବ ସକଳପ୍ରାଣୀ
ଆଶରା ନେଇଛୁ ତୋହରି
ଜନମ ଦିନରୁ ରୁଧିରେ ମିଶି
ଦେହରେ ତୋଳୁଚୁ ଲହରୀ ।
ପାଣିରେ ପାଣି
ଭୂଇଁ ତଳୁ ତତେ ଆଣୁଛୁ ଟାଣି
କେଡେ ଗହୀରରେ ରହୁଛୁ
ବରଷା ରୂପରେ ନିଗିଡି ପୁଣି
ଟୁପୁଟୁପୁ କଥା କହୁଚୁ ।



ପାଣିରେ ପାଣି
ଦେଖାଇ ଅଲଗା ରୂପର ଠାଣୀ
ଭାସିବୁଲୁ କେବେ କେମିତି
ଆକାଶ ଛାତିରେ ସରଜି କଳା
ଚହଲା ମେଘର ଜ୍ୟାମିତି ।
ପାଣିରେ ପାଣି
ରୁମୁରୁ ଝୁମୁରୁ ନୂପୁର ବାଣୀ
ଶୁଣାଉ ଆସିଲେ ଶ୍ରାବଣ
ପାଶୋରି ଯାଉ ତୁ ଆମକୁ ଯଦି
ମରୁଡି ପଠାଏ ଶମନ ।
ପାଣିରେ ପାଣି
ରଙ୍କରତନ ତୁ ପାରିନି ଜାଣି
ମଣିଷ ସଂସାରେ ଆଜି ବି
ଅପଚୟ ତୋର ଦୋଷରେ ଗଣା
କଥାଟି ମନରେ ହେଜିବି ।

III

# 'ମ' - ଗୀତ



ମଣ୍ଡାପିଠା ଲାଗେ ସବୁଠୁ ସରସ
ପେଟ ଟୁଲୁ ଟୁଲୁ ପୂରରେ
ମନ ଲଗାଇକି ଗୀତ ଗାଏ କୁନି
ଭଳି ଭଳି ନୂଆ ସୁରରେ
ମଜା କରିଥିଲୁ ଗତକାଲି ଆମେ
ଯାଇଥିଲୁ ବଣ ଭୋଜିକି
ମରାମତି ହେବ ଝରକା, ବଢ଼େଇ
ବାପା ଆଣିଛନ୍ତି ଖୋଜିକି ।





ମଞ୍ଜା ରାଇ ମତେ ଭାରି ସୁଖ ଲାଗେ
ପଡ଼ିଥିଲେ କୋରା ନଡ଼ିଆ
ମଞ୍ଜି କିଣିଆଣି ଫଳଗଛ ପୋତ
ବାରି ରଖନାଇଁ ପଡ଼ିଆ ।
ମୟୂର ନାଚଇ ଆଲଟ ମେଲାଇ
ଆସିଗଲେ ମାସ ଶ୍ରାବଣ
ମକା ପୋଡ଼ା ପାଇଁ ମଉସା ବିକଳ
ବୟସ ଯଦିଓ ବାବନ ।



ମଉଳା ଫୁଲକୁ ଫିଙ୍ଗିଦିଅ, ମାଳ
ଗୁନ୍ଥ ନେଇ ସଜଫୁଲରେ
ମଉଜ କରିକି ଦଶହରା ଦିନ
ସାରା ସହରଟି ବୁଲରେ
ମଙ୍ଗଳବାରର ହାଟରୁ କିଣିକି
ମଉସା ଆଣିଲେ ଶାଢ଼ୀଟି
ମଇନା, ମଇନା କେଣେ ତୁ ଯାଉଛୁ
କୁନି ଡେଣା ତୋର ଝାଡ଼ିଟି ।

ମଣ୍ଡ ଦେଇଥିଲେ ସୂତା ଲୁଗାଟିର
ଶୋଭା ବଢ଼ିଯାଏ ବହୁତ
ମଇଦା ଚକଟି ପୁରି ଛାଣିଦେଲେ
ନୂଆବୋହୂ କହୁ କହୁତ
ମହୁମାଛି ଉଡ଼େ ଫୁଲରୁ ଫୁଲକୁ
ଗୁଣୁଗୁଣୁ ଗୀତ ଗାଇକି
ମନ୍ଦିର ବେଢ଼ାରେ ପୂଜା ଅରଚନା
ଭଲ ଲାଗିଥାଏ ଆଇକି ।









ମଣି ମୁକୁତା ସେ ହେଉପଛେ, ଆନ
ଲୋକର ଦରବ ଧରନା
ମନା କରିଛନ୍ତି ମାଆ ଯଦି, ସେଇ
କାମଟି ଜମାରୁ କରନା
ମଣିଷ ଜୀବନ ସବୁଠୁ ସରସ
ଦିଅଁଙ୍କର ବଡ଼ ଦାନ ସେ
ମନ୍ଦ କଥା ଲାଗି ମନ ବଳାଅନା
ଭଲ କଥା ଚିନ୍ତ ମାନସେ ।

|||

# ଘୁଡି



ଘୁଡିରେ ଘୁଡି ଯାଆ ତୁ ଉଡ଼ି
ବଉଦରାଜା ଦେଶେ
ଗୋଲାପି, ସାଦା ପୋଷାକ ପିନ୍ଧା
ଝଲମଲିଆ ବେଶେ ।
ନେଳିଆ ନଭେ ଖେଳୁ ତୁ ଖେଳ
ପବନ ସାଥେ ମିଶି
ସବୁଜ, ନାଲି ଟିକିଲି ସରି
ଦୂରରୁ ଯାଉ ଦିଶି ।
ପହ୍ ଗଲେ ମକର ତିଥି
ଉଡୁ ତୁ ଫରଫର
ଏଡିକି ଉଚେ ଟହଲ ମାରୁ
ଲାଗେନି କିବା ଡର ?



କେଜାଣି କିଆଁ ଦେଖିଲେ ତତେ
ଭାବନା ଜାଗେ ମନେ
କୁସୁମ କଢ଼ି ଫୁଟିଛୁ ଅବା
ଆକାଶ ନୀଳବନେ ।
ଅଧୀର ପଛେ ହେଉଥା ଭାରି
ଯିବାକୁ ଦୂର ବାଟ
ଫେରିବୁ ଶେଷେ ମୋହରି ପାଶେ
ସରିଲେ ତୋର ନାଟ ।
ନଟେଇ ଅଛି ହାତରେ ମୋର
ତହିଁରେ ତୁହି ବନ୍ଧା
ଉଡାଏ ତତେ ସାଥିରେ ତୋର
ସେନେହ ଡୋର ବନ୍ଧା ।
ପାରନ୍ତି ଯଦି ବିହଗ ସମ
ତୋ' ପରିକା ଉଡି
ମଉଜ କେତେ ହୁଅନ୍ତା କହ
କହରେ ମୋର ଘୁଡି ।

|||

# କଣ୍ଢେଇ ନାଟ

ଚାଲ ଦେଖିବା କଣ୍ଢେଇ ନାଟ
ସାଥି ପିଲା ସବୁ ମିଶିକି
ନାଚ କରୁଛନ୍ତି କନାର ପିତୁଳା
କି ସୁନ୍ଦର ଯାଏ ଦିଶିକି !



ଆଙ୍ଗୁଠିରେ ଭରି ସୂତାର ଫାଶ
ମ ରେ ସରଜେ ଶରତ ରାସ
ଓସ୍ତାଦ କେଡ଼େ ବାଗରେ
ଯମୁନା କୂଳରେ ରାଧିକା ନାଚନ୍ତି
ଗୋପୀ ଗଣ ଧରି ସାଙ୍ଗରେ ।
କହୁଥିଲେ ପରା ସେଦିନ ଅଜା



ପିଲାବେଳେ ତାଙ୍କ ନଥିଲା ମଜା
ସିନେମା ଅଥବା ଟିଭିର
କଣ୍ଢେଇନାଚରୁ ପାଉଥିଲେ ସିଏ
ମଉଜ ସିନେମା ଛବିର ।

ପୁରୁଣା କଳା ଏ ଦେଶର ଆମ
ବ ାଇ ରଖିବା ମହତ କାମ
ରହିଯାଅ ଭାଇ ଦଣ୍ଡେ ଇ
ଦେଖିବା କେମିତି କାରସାଦି କରି
ନାଚୁଆ ନଚାଏ କଣ୍ଢେଇ ।


III


# ବିଲେଇ ନାନୀ



‘ବିଲେଇ ନାନୀ, ବିଲେଇ ନାନୀ କୁଆଡ଼େ ଥିଲୁ ଯାଇ’ ?
‘ଯାଇ ମୁଁ ଥିଲି ରାଜାଙ୍କ ଠାରୁ ନେଉତା ଚିଠି ପାଇ
ଚଂପକଗୋରୀ ରାଜକୁଆଁରୀ ହୋଇଲା ପରା ବାହା
ବିରାଟ ଭୋଜି ଯାଇ ମୁଁ ଥିଲି ଖାଇବା ପାଇଁ ତାହା’ ।

ବିଲେଇନାନୀ, ବିଲେଇନାନୀ, ଖାଇଲୁ କିସ କୁହ
ଉଆସେ କାଳେ ବହଇ ନିତି ଘିଅ ଓ ମହୁସୁଅ
କ୍ଷିରୀମୋହନ, ଖେଚେଡ଼ିଭାତ ଖାଇ ତ ଥିବୁ ପେଟେ
ପୁଟୁଳି ବାନ୍ଧି ଆଣିବି ଥିବୁ ବଳକା ପିଠା ଯେତେ ।






‘ଏତିକିବାଟ ବେକାର ଗଲି ପାରିଲି ନାହିଁ ଜାଣି’
ବୁଲେଇ ଡୋଳା ଜବାବ ଦେଲା ଫୁଲେଇ ପୁଷିନାନୀ
‘ଖାଇବା ଲୋଭେ ସାଥିରେ ମୋର ଯାଇ ବି ଥିଲା ଭୁଆ
ଭୋଜିରେ ଥିଲା ମିଠେଇ ହେଲେ ନଥିଲା ମୂଷା ଛୁଆ

ବିନା ମୂଷାରେ କହିଲ ମତେ ରୁଚିବ କିବା ଭାତ ?
ତୁଚ୍ଛାରେ ଗଲି ଚାଲିଚାଲିକା ଚଉଦ କୋଶ ବାଟ ।

|||


# ସାଗର କଥା



ଲହରୀମାଳରେ ବେଳାଭୂଇଁ ମୁହିଁ
ନିଇତି ଧୁଏ
ସାଗର ମୁଁ ଆଜି କାହାଣୀ ମୋହର
ତୁମକୁ କୁହେ ।

ରୂପ ଦେଖି ମୋର କଳାକାର କିଏ
ଆଙ୍କଇ ଛବି
ମତେ ନେଇ ଗୀତ ଲେଖି ଯାଇଛନ୍ତି
କେତେ ଯେ କବି ।

ପାଣିରୁ ମୋହର ଲୁଣ କାଢ଼ି ଥାଏ
ବେପାରୀ ବିକି
ନଥିଲେ ମୁଁ ତମେ ଖାଆନ୍ତ ଅଲଣା
ତରକାରୀ କି ।



ସାରା ପୃଥିବୀରେ ତିନିଭାଗ ମୁହିଁ
ଅଛଇ ମାଡି
ତଳେ ଖାଲ ଢିପ, ପ୍ରବାଳ ପାହାଡ
ଧାଡିକି ଧାଡି ।

କେତେ ଜାତି ଜୀବ, ତିମି, ଡଲ୍‌ଫିନ୍
ଅକଟୋପାସ
ଗଭୀର ଜଳରେ ଯୁଗଯୁଗ ଧରି
କରନ୍ତି ବାସ ।


କାହିଁ ବା ଥାଆନ୍ତି ଥାକଥାକ ସାନ
ଶାମୁକା ଦଳ
ତହିଁରୁ କିଏ ବା ପେଟେ ଧରିଥାଏ
ମୁକୁତା ଫଳ ।

ପୂନେଇଁ ରାତିରେ ପାଇକି ଜହ୍ନର
କୁହୁକ ଛୁଆଁ
ପାଣି ମୋ ଉଚ୍ଛୁଳି ଜୁଆର ସରଜେ
ତୁହାକୁ ତୁହା ।

ପୃଥିବୀ ଯାକର ସାନ ଅବା ବଡ
ଯେତକ ନଈ
ଖୋଜି ଖୋଜି ମୋର ଦେହରେ ମିଶନ୍ତି
ଶେଷକୁ ଯାଇ ।








ଛାତିରେ ମୋ ତୁମେ ଜାହାଜ ଚଳାଇ
ବିଦେଶ ଯାଅ
ଭଳିଭଳି ମାଛ କଙ୍କଡ଼ା ପାଣିରୁ
ଧରିକି ଖାଅ ।

ପାଣି ଶୁଖି ମୋର ବାମ୍ଫ ହୁଏ ପାଇ
ଖରାର ଧାସ
ସେଇ ବାମ୍ଫହୁଏ ବରଷା, ଆସିଲେ
ଆଷାଢ଼ ମାସ ।

III

# ଟ-ଠ-ଡ-ଢ



ଟପରଟପର ଆଷାଢ଼ ଆସିଲେ ବରଷେ ପାଣି
ଟଭାଗଛଟିକୁ ବଗିଚାରେ କିଏ ଦେଇଛି ହାଣି
ଟଳମଳ ପାଦେ କୁନି ଆମ ଏବେ ଶିଖୁଛି ଚାଲି
ଟଗର ଫୁଲରେ ମାଳ ଗୁନ୍ଥିଥିଲେ ମାଉସୀ କାଲି ।



ଠକାମି କାମିଟି ସବୁଠୁ ଖରାପ ସବୁଠୁ ହୀନ
ଠଣାରେ ଜଳିବା ଦୀପଟି ଲିଭାଅ ହେଲାଣି ଦିନ
ଠକଠକ କିଆଁ କବାଟ ପିଟୁଛ କଅଣ କାମ
ଠରାଠରି ହୋଇ କଥା ହେଉଛନ୍ତି ରାମ ଓ ଶ୍ୟାମ ।

ଡକାୟତ ଦଳ ପଶିଥିଲେ ଆମ ଗାଆଁରେ କାଲି
ଡମ୍ବରୁ ବଜାଇ ଯୋଗୀଟିଏ ଦେଖ ଯାଉଛି ଚାଲି
ଡଙ୍କ ପକେଇକି କଖାରୁ ଗଛଟି ଗଲାଣି ମାଡି
ଡବାରେ ସାଇତା ପଇସା ମୋ କିଏ ନେଇଛି କାଢି ।



ଢଳଢଳ [illegible] ସକାଳବେଳା
ଢମଣାସାପ[illegible] କେଉଁଠୁ [illegible] ଧରିଲା କେଳା



ଢଗଢମାଳି ଯେ କେତେ ପରକାରେ ଆଇମା କୁହେ
ଢଙ୍ଗଢାଙ୍ଗ ତୁମ ଜମାରୁ ମୋହର ପସନ୍ଦ ନୁହେଁ ।

III

# ଘର



ଇଟାକୁ ଇଟାରେ ଯୋଖିଲେ କେବଳ
ତିଆରି ହୁଏନି ଘର
ଘର ସିଏ ଯହିଁ ବହୁଥାଏ ସଦା
ସେନେହ ଶରଧା ଝର ।
ଘର ସିଏ ଯହିଁ ପଖାଳ ମୁଠିକ
ବାଣ୍ଟି ଖାଆନ୍ତି ଲୋକେ
ଘର ସିଏ ଯହିଁ ଆଶରା ମିଳଇ
ବିପଦେ, ଆପଦେ, ଶୋକେ ।
ଘର ସିଏ ଯହିଁ ପହ୍‌ ମଣିଷ
ପାଶୋରେ ମନର ପୀଡା
ଘର ସିଏ ଯହିଁ ଭାତ ବାଢ଼େ କିଏ
ଆଦରେ ପକାଇ ପିଢ଼ା ।



ଆପଣା ଆପଣା ଭିତରେ ଭରସା
ଯେଉଁଠାରେ ଅଛି ରହି
ଯେଉଁଠାରେ ଜଣେ ପିଠିପାତି ନିଏ
ଆନର କଷଣ ସହି ।
ହସ ଓ ଖୁସିର ଜୁଆର ଯେଉଁଠି
ଲାଗି ରହିଥାଏ ସଦା
ମମତା ଡୋରିରେ ଯେଉଁଠି ପଡିଛି
ସବୁରି ପରାଣ ବନ୍ଧା ।
ସରଗ ଓହ୍ଲାଏ ଥରି ପାଦେ ତହିଁ
ତାକୁ ଇ କହନ୍ତି ଘର
ଘର ସିଏ ଯହିଁ ସାରା ପରିବାର
ସେନେହରେ ଜରଜର ।

|||

# ଆଈ



ଆଈର ନାକରେ ବସଣୀ
କଷି ଭିଡିଥାଏ ଖୋଷଣୀ
ଆଈର ପାଦଟି ବଙ୍କା ପଡୁଥାଏ
ତାକୁ ଦେଖି ପିଲେ ହସନି ।
ଚୂଡ଼ି ପିନ୍ଧେ ଆଈ କାଚର
ଯତନ ନିଅଇ ଗଛର
ନିରୀହ ମଣିଷ ନିଜ ମନେ ଥାଏ
ନଥାଏ କା ସାତପା ର ।
ଆଈ ରଂଗ ଚୂନ ଧଉଳା
ଶୀତଳ ତା ହାତ ସାଉଁଳା
ଘଡିଏ ଯଦି ସେ ଅଜାଙ୍କୁ ନଦେଖେ
ହୋଇଯାଏ ପୂରା ବାଉଳା ।
ଆଈ ବାଟୁଥାଏ ବେସର
ଲୁଗା ପିନ୍ଧେ ସିଏ ଟସର
କୁଣିଆ ଦେଖିଲେ ଚରଚା ପାଇଁକି
ହୁଅଇ ନସର ପସର ।



ସୁତୁରା ଆଈର ବଖରା
ପରବରେ ଛାଣେ କାକରା
ପିଠାକରି ସାରି ଖାଇବା ପାଇଁକି
ଦିଅଇ ଆମକୁ ଡାକରା ।
ଆଈ କହେ କେତେ କାହାଣୀ
ସେନେହବୋଳା ତା ଚାହାଣୀ
ସଂଜ ଆସିଗଲେ କହଇ 'ପିଲାଏ
ପଦାକୁ ଜମାରୁ ଯାଆନି' ।
ଚିତା ଲେଖା ଆଈ ବାହୁରେ
କଥାରୁ ଝରଇ ମହୁ ରେ
ଭାତ ବାଢ଼ିଦିଏ ତିଅଣ ସାଥିରେ
'ଭୋକ ଲାଗେ' କହୁକହୁରେ ।
ସୁଖ ପାଏ ମୁଁ ଯେ ଆଈକି
ଖୁସି ହୁଏ ପାଖେ ଥାଇକି
ବୋଲ ବତେଇଲା ଆଈ ଯଦି କେବେ
କରେ ମୁଁ ତା ଧାଇଁ ଧାଇଁକି ।


III

# ଆକାଶ



ସୁତୁରା [illegible]
ଦିଶିଥାଉ କେବେ ସୁନୀଳବରଣ
କେବେ ଅବା ଟିକେ କାଳିଆ ।

ଶରତେ ରୂପ ତୋ ଚହଟେ, ସତେ କେ
ନେଳିଆ ପାଣିରେ ଧୋଇଛି
ସାଦା ମେଘ ଦେଖି ଲାଗେ ବୁଣାକାର
ତୁଳାପିଞ୍ଜା ଅବା ଥୋଇଛି ।
ଆଷାଢ ମାସର ଘୋର ବରଷାରେ
ଖେଳାଉ କାଳିଆ ବାଦଲ



କାନରେ ପକାଉ ଘଡଘଡି ନାଦ
ବଜାଉ ସତେ ବା ମାଦଳ ।


ଗୋଧୂଳି ନଇଁଲେ ଝିକିମିକି କୁନି
ତାରାର କୁସୁମ ଫୁଟାଉ
କେଜାଣି କେଉଁଠୁ ସଜଫୁଟା ମଲ୍ଲି
ଏତିକି ଆଣିକି ଜୁଟାଉ ।


ପୁନେଇଁ ରାତିରେ ରୋଷଣୀ ଜାଳିକି
ଜହ୍ନ ହସେ ତୋର କୋଳରେ
ଫିକା ଜୋଛନାରେ ଲାଗେ ଭୂଇଁ ଅବା
ଧୂଆ ପାଣିଚିଆ ଘୋଳରେ ।



ସକାଳ ହୋଇଲେ ସୂରୁଜକୁ ଡାକୁ
'ଦିନ ହେଲା ଏବେ ଚାଲିଆ'
ଅବିର ରଂଗରେ ପୂରୁବପଟ ତୋ
ହେଇଉଠେ ପୂରା ନାଲିଆ ।
ସାତରଂଗ ଧନୁ ଶୋଭାରେ ସାଜୁତୁ







ଧୂମକେତୁ ଆଉ ଉଲ୍‌କା
ପେଟ ଚିରି ତୋର ବେଗରେ ଛୁଟନ୍ତି
ଚାହିଁ ଆଖି ହୁଏ ଜଲ୍‌କା ।




ସଉରଜଗତ, ଛାୟାପଥ କେତେ
ଭରି ତୁ ରଖିଚୁ ଛାତିରେ
ଧ୍ରୁବତାରା ଜାଳି ପଥହରା ପାଇଁ
ବାଟ ତୁ ବତାଉ ରାତିରେ ।

III

# ମହୁମାଛି



କୁନି ମହୁମାଛି କୁନି କୁନି ତୋର ଡେଣାରେ
ଉଡି ଉଡି ମହୁ ସାଇତି ରଖୁ ତୋ ଫେଣାରେ
କାବା ହୁଏ ତତେ ଦେଖିକି
ଗୁଣଗାଏ ତୋର ତୋ ପାଇଁ କବିତା ଲେଖିକି ।
ଫଗୁଣ ଆସିଲେ ଫୁଲ ଫୁଟିଯାଏ ବହୁତ
ରଂଗ ଜୁଡୁବୁଡୁ ଦେହରେ ଭରିକି ମହୁ ତ
ପାରେନି କେହି ତା କାଢ଼ିରେ
କେଡ଼େ କାଇଦାରେ ଶୋଷିନେଉ ଡେଣାଝାଡିରେ ।
ବିନ୍ଦୁ ବିନ୍ଦୁ ଫୁଲ ରସକୁ ରଖୁ ତୁ ସାଇତି
ସାରା ଦିନ ତୋର ବିତେ କରି କେତେ ପାଇଟି
ଲାଗେନିକି ତତେ ହାଲିଆ ?
ଖୋଜି ବୁଲୁଥାଉ ଫୁଲ ହଳଦିଆ, ନାଲିଆ ।



ଗଛର ଡାଳରେ ଫେଣା ଝୁଲୁଥାଏ ତୋହର
ଗାଆଁ ହେଉ, ହେଉ ବନଭୂଇଁ ଅବା ସହର
ନିରିଜନ ଜାଗା ବାଛିକି
ଯତନ କରିକି ଘର ବାନ୍ଧୁ ନାଚିନାଚିକି ।
ତୋ'ଲାଗି ସିନା ମହୁର ସୁଆଦ ନେଉଛୁ
କେଡିକି ଦାମିକା ଦରବ ଆମକୁ ଦେଉଛୁ
କାଶ ହେଲେ କହେ ବଇଦ
ମହୁ ଖାଇବାକୁ ତୁଳସୀ ପତରସହିତ ।
ଗୁଣୁ ଗୁଣୁ ଗୁଣୁ ସାରାଦିନ ଗୀତ ଗାଇ ତୁ
କାମ କରୁଥାଉ, ମଣିଷର ହିତ ପାଇଁ ତୁ
ଭଲ ହେଲା ତତେ ଦେଖିଲି
ପର ଉପକାର କରିବା ତୋଠାରୁ ଶିଖିଲି ।

III

# କୁନି

କୁନି ମଲ୍ଲିଫୁଲ ପାଖୁଡା ମେଲାଇ
ବଇଶାଖ ମାସ ରାତିରେ
ସାରା ଉପବନେ ବାସନା ବିତରେ
ସୁଲୁସୁଲୁ ବାଆ ସାଥିରେ ।
କୁନି ଧ୍ରୁବତାରା ଆକାଶେ ଉଇଁକି
ବତାଏ ଉ ର ଦିଶାକୁ
ଦରିଆ ମଝିର ନାବିକ ତା ଲାଗି
ବାଟ ଖୋଜି ଫେରେ ବସାକୁ ।
କୁନି ଗୁଜୁରାତି ମହମହ ବାସି
ସୁଆଦ କରଇ ଖିରିସା
କୁନି ଜିଆ କରେ ଜମିକୁ ହାଲୁକା
ଶାବଳ ନୁହେଁ ତା ସରିସା ।
କୁନି ପିକପକ୍ଷୀ କୁହୁ ତାନଠାରୁ





ଗୀତ ଅଛି କିବା ମଧୁର
କୁନି ମହୁମାଛି ପାଇଁକି ପୃଥିବୀ
ସ୍ୱାଦ ନେଇଥାଏ ମଧୁର ।
କୁନି ଛୁଟିଏ ପୋଷାକ ତିଆରେ
ଚଲାଏ ସିଲାଇ କଳକୁ
କୁନି ଶାମୁକାର ପେଟରେ ପାଇବ
ଦାମିକା ମୁକୁତା ଫଳକୁ ।
ମେଁ ମେଁ କୁନି ଦୁବଘାସ ନିଏ
ପାଦର ପରାଶ ହରି ରେ
ବେଳେ ବେଳେ କୁନି ଯେଉଁ କାମ କରେ
ବଡ ତା ପାରେନି କରିରେ ।

III

# କୁନୁ ଭାଲେ ବସି

କୁନୁ ଭାଲେ ବସି ହୁଅନ୍ତେ କି ବାପା
ଥାକୁଲ୍ ଥୁକୁଲ୍ ଛୁଆ
ଭୟରେ କାନ୍ଦନ୍ତେ ରାତିରେ, ପାଖରେ
ଦେଖିଲେ କାଲିଆ ଭୁଆ ।


ଠୁକୁଠୁକୁ ଚାଲି ବାଲିରେ ଖେଳନ୍ତେ
ଦେହରେ ବୋଳନ୍ତେ ମାଟି
ରୋଷେଇ ଶାଳରେ ପଶିକି ଦିଅନ୍ତେ
ସାଇତା ଜିନିଷ ଘାଣ୍ଟି ।





ଫୁଲ ବନେ ଦେଖି ପରଜାପତିକି
ହୁଅନ୍ତେ ବହୁତ ଖୁସି
ବାରଣ କଲେବି ଲୁଚେଇ ଲୁଚେଇ
ଆଙ୍ଗୁଠି ଦିଅନ୍ତେ ଚୁଷି ।


ନାମଙ୍ଗ ହୁଅନ୍ତେ କ୍ଷୀର ପିଇବାକୁ
କାନ୍ଦନ୍ତେ ଚିହୁରି ଛାଡି
ସାଦା ଦୁଧଦାନ୍ତ ଦେଖାଇ ହସନ୍ତେ
ପାଇଲେ ଖେଳଣା ଗାଡି ।





ପୁଟୁକା ଗାଲରେ ଭଉଁରୀ ଖେଳାଇ
ଖନେଇ ଡାକନ୍ତେ 'ମାଆ'
ଜହ୍ନମାମୁ ଦେଖି କୁନି ହାତ ଟେକି
କହନ୍ତେ 'ଆରେ ଆ' ।

କପାଳ ମଝିରେ ଗୋରଚନା ଟିପ
ମଥାରେ ଅଳରା କେଶ
ନେଳିଆ ଆଖିରେ କଜଳ ଲଗାଇ
ଜେଜେ ମା କରନ୍ତେ ବେଶ ।





ଗଳାରେ ଥାଆନ୍ତା ରୂପା ଡେଉଁରିଆ
ହାତରେ ସୁନାର ଖଡୁ
ବିଲିବିଲା କରି ମୁହଁକୁ ଖାଆନ୍ତେ
ଚିନିପାଗ ସୁଜିଲଡୁ ।

କୁନୁ ଭାଳେ ବସି ହୁଅନ୍ତେ କି ବାପା
ଥାକୁଲ୍ ଥୁକୁଲ୍ ଛୁଆ
ଗେହ୍ଲା କରି କୁନା ନାଆଁଟି ତାଙ୍କର
ରଖନ୍ତା ଟୁକୁନୁଟୁଆଁ ।

|||

# ପୃଥିବୀ

କେଉଁଠି [illegible]ର
କେଉଁଠି ଅଜାଡ଼ୁ ଡହଡହ ଖରା
କେଉଁଠି ବା ହିମକାକର ।



ମୁହଁରେ ଦେଉ ତୁ ଫସଲ ଆହାର
ମାଆ ସମ ତୁହି ପୃଥିବୀ
ଯୁଗଯୁଗ ଧରି ହୋଇକି ରହିଚୁ
ପଶୁ, ପକ୍ଷୀ, ଲତା ସାଥି ବି ।
ଦିନମଣିଙ୍କର ଆରାଧନା କରି
ବୁଲୁ ଚଉପାଶେ ତାଙ୍କର




ଉପହାର ଦେଇ ଫୁଲ, ଫଳ ଆଉ
ଶୋଭା ଛଅରତୁ ଯାକର ।

ନିଜ ଚାରିପଟେ ଘୂରି ବୁଲୁଥାଉ
ଦିନରାତି ଥାଉ ସରଜି
କେଉଁଠି ତିଆରୁ ଦ୍ୱୀପପୁଞ୍ଜ କାହିଁ
ଲାଭା ସାଥେ ଉଠୁ ଗରଜି ।

ମେରୁ ଦେଶେ ଢାଲୁ ବରଫ ଟୁକୁଡ଼ା
ବିଷୁବକୁ କରୁ ଗରମ
କେଉଁଠି ବନାଉ ପଥର ଗାଢ଼ୁନି
କେଉଁଠି ଚଟାଣ ନରମ ।



କେଉଁଠି ସରଜୁ ସବୁଜ ବନାନୀ
ମରୁଭୂମି କାହିଁ ତିଆରୁ
ପାଣି ଓ ପବନ ଜୀବନ ପାଇଁକି
ମିଳିଛି ତୋହରି ଦୟାରୁ ।







ହୀରା ତୋ ପେଟରେ, ନୀଳା ତୋ ପେଟରେ
















ପେଟରେ ବି ତୋର କୋଇଲା
ସରଜନା ତୋର କିପରି ଆଜି ବି
ଭଲ କରି ବୁଝି ନୋହିଲା ।

ସଭିଙ୍କ ପାଇଁକି ମେଲି ତୁ ଦେଇଚୁ
ଭରା ସେନେହର ପସରା
କୋଟି କୋଟି ଜୀବ କେବେଠୁ ଜାଣେନି
କୋଳେ ତୋ ନେଇଛୁ ଆଶରା ।

|||

# କୁଆ ପଥର




କୁଆ ପଥରକେ କୁଆ ପଥର
ଦେଖା ଦେଉ ହେଲେ ବରଷା
ଆକାଶଫଳ ତୁ ଆକାଶୁ ଝଡି
        ବସୁଧାରେ ହେଉ ପରଶା ।
ଝିକିମିକି ସାଦା ମୁକୁତା ଫୁଲ
        ମାଟିରେ ଉଠୁ ତୁ ଝଟକି
ଘାସ ଶେଯ ଧରେ ଧବଳରୂପ
        ଯାଉ ଯେବେ ତହିଁ ଅଟକି ।
ଧରିବାକୁ ତତେ ଯାଏ ମୁଁ ଯେବେ
        ପାପୁଲିରେ ଯାଉ ମିଳେଇ
କେଉଁଠୁ ଆସୁଚୁ, ଝଅଟ କରି
        କାହିଁ ବା ଯାଉଚୁ ପଳେଇ ।
ଠପ୍ ଠପ୍ ଠପ୍ ଶବଦ ତୋଳୁ
        ପଡୁ ଯେବେ ଟିଣ ଛାତରେ



ପାଟିରେ ପୂରାଇ ସୁଆଦ ନିଏ
        ଉଠାଇ ତତେ ମୁଁ ହାତରେ ।
ବାପା କହୁଥିଲେ ବରଷା ବିନ୍ଦୁ
        ହୁଏ ଯେବେ ଭାରି ଶୀତଳ
ଧରି ନେଇଥାଏ ବରଫ ରୂପ
        ଟାଣିଆଣେ ତାକୁ ଭୂତଳ ।
ବରଷା ଆସିଲେ ରହେ ମୁଁ ଚାହିଁ
        ତୋହରି ଆସିବା ବାଟକୁ
ପକ୍କା ଅଗଣାରେ ପଡିକି କେବେ
        ଦେଖାଇବୁ ତୋର ନାଟକୁ ।

III

# କଦଳୀଗଛ



ଗଛଙ୍କ ଭିତରେ ଗଛଟିଏ ସେ ଯେ
କଦଳୀ ଗଛ
ପାଣି ମନ୍ଦେ ଦିଅ, ବାକି ସବୁ କାମ
କରିକି ପଛ ।

ଗୋଟିଏ ବୁଦାରୁ ମାଡିଯାଏ ଗଛ
ବଗିଚା ସାରା
କୁନି କୁନି ପୁଆ ଗଜୁରେ, ପାଇଲେ
ବରଷା ଧାରା ।

ଉପରେ ଉଠିକି ମେଲାଏ ଚଉଡା
ପତର ଛତି
କ ।ଫଳ ତାର ବେମାର ମଣିଷ
ପାଇଁକି ପଥି ।

ପାଚିଲା ଫଳଟି ଦିଅଁଙ୍କ ପାଖରେ
ଲାଗଇ ଭୋଗ
ନିଇତି ଖାଇଲେ ସହଜେ ପାଖରେ
ପଶେନି ରୋଗ ।
ଭୋଜିଭାତ ହେଲେ ପତର ଦିଅଇ
ଥାଳିର କାମ
ମଞ୍ଜା ତରକାରୀ ବାଗ ଲାଗିଥାଏ
ପାଟିକୁ ଆମ ।



ଗଛକୁ ସୁହାଏ ଓଦାଳିଆ,
ପାଣିକୁଳିଆ ମାଟି
ଆକାମାଭେି ଡଙ୍ଗା ମୁଁ ଭସାଏ
ପଟୁକା କାଟି ।

ଗଛଙ୍କ ଭିତରେ ଗଛଟିଏ ସେଯେ
କଦଳୀ ଗଛ
ଭାରି ହିତକାରୀ, ବାରିରେ ରୋପିବି
ପଛକୁ ପଛ ।

III

ସାଂପ୍ରତିକ ଶିଶୁସାହିତ୍ୟ କ୍ଷେତ୍ରରେ, କାନନ ମିଶ୍ର ଏକ ଜଣାଶୁଣା ନାଁ’ । ଶିକ୍ଷଣୀୟ ବିଷୟବସ୍ତୁକୁ ନେଇ ପିଲାମାନଙ୍କ ମନଲାଖି କବିତା ଲେଖନ୍ତି ନିଷ୍ଠାର ସହିତ । ତାଙ୍କ ସୃଜନଶୀଳତାର ପରିଚୟ ମିଳେ ତାଙ୍କର ଛନ୍ଦ ଓ ଉପଧାମିଳନର ଦକ୍ଷତାରେ । ଶିଶୁ କବିତା ବ୍ୟତୀତ, ତାଙ୍କ ଦ୍ୱାରା ଲିଖିତ ଗଳ୍ପ, କବିତା, ଫିଚର ଓ ସ୍ମୃତିଲେଖାରେ ଓଡ଼ିଆ ସାହିତ୍ୟ ଋଦ୍ଧିମନ୍ତ ।



ଜନ୍ମସ୍ଥାନ : କଟକ

ପିତା : ୰ ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ

ମାତା : ୰ ଶ୍ରୀମତୀ ସୁରେଖା ତ୍ରିପାଠୀ

ଶିକ୍ଷା : ଏମ୍.ଏ. (ଇଂରାଜୀ), ଏମ୍.ଏ. (ଓଡ଼ିଆ), ଏମ୍.ଲିଟ୍ (ତୁଳନାତ୍ମକ ସାହିତ୍ୟ) କୋବିଦ (ହିନ୍ଦୀ)

ପୁରସ୍କାର : ପ୍ରଜାତନ୍ତ୍ର ପ୍ରଚାର ସମିତି, ଫକୀର ମୋହନ ସାହିତ୍ୟ ପରିଷଦ, ଆଗାମୀ ଶତାବ୍ଦୀ, ସୁଧନ୍ୟା, ପ୍ରତିଭାସିକ୍ତ, ଝୁମୁକା, ଧ୍ୱନି ପ୍ରତିଧ୍ୱନି ତଥା ସାହାଣମେଲା ଦ୍ୱାରା ପୁରସ୍କୃତା ଓ ସମ୍ମାନିତା ।

ରଚନାବଳୀ :

**ଶିଶୁ କବିତା** : r ହୀରା ମୋତି ମାଣିକ r ଟୁପୁରୁ ଟୁପୁରୁ ବରଷେ ପାଣି r କାଗଜ ଡଙ୍ଗା r କାଇଁଚମାଳି r ଫୁଲବନ

**କବିତା** : r ତୀର୍ଥ r ନବସାକ୍ଷରଙ୍କ ପାଇଁ କବିତା

**ଗଳ୍ପ** : r ବହି ମେଳାରୁ ବୟଫ୍ରେଣ୍ଡ୍ ପର୍ଯ୍ୟନ୍ତ r ଅଧାଲେଖା ଦସ୍ତାବିଜ୍ r ମିଶ୍ରସ୍ୱାଦ r ଆଖ୍ୟାନ

**ଫିଚର** : r ଗପସପ r ଭିନ୍ନସ୍ୱର

**ଅନୁବାଦ** : r ସୂର୍ଯ୍ୟମୁଖୀର ସ୍ୱପ୍ନ (ଆସାମୀଜ୍ ଭାଷାରୁ ଅନୁଦିତ ଓଡ଼ିଆ ଉପନ୍ୟାସ)

**ସମାଲୋଚନା** : r ଓଡ଼ିଆ ପଦ୍ୟ ମହାକାବ୍ୟର କ୍ରମବିକାଶ ।

**ଇଂରାଜୀ ରଚନା** : r A Tryst with Life - (A collection of features)